# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**22 April - 2026**

*********************************

## ମୁଖ୍ୟ ସମ୍ବାଦ

- ସରକାର ମହିଳାଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ପ୍ରୟାସ ଜାରି ରଖିବେ; କହିଲେ ମୁଖ୍ୟମନ୍ତ୍ରୀ
- ଅନ୍‌ଲାଇନ୍ ଗେମିଂର ପ୍ରସାର ଓ ନିୟନ୍ତ୍ରଣ ଆଇନ ୨୦୨୫ ପାଇଁ ପ୍ରାଧିକରଣ ଗଠନ କଲେ କେନ୍ଦ୍ର ସରକାର
- ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ବିଧାନସଭା ଆସନପାଇଁ ଆସନ୍ତାକାଲି ଅନୁଷ୍ଠିତ ହେବ ମତଦାନ

ଏବଂ

- ରାଜ୍ୟରେ ଗ୍ରୀଷ୍ମଲହରୀ ଓ ଗୁଳୁଗୁଳି ବୃଦ୍ଧି ପାଇବା ନେଇ ୧୮ଟି ଜିଲ୍ଲାକୁ ସତର୍କ ସୂଚନା

— ଝାରସୁଗୁଡ଼ାଠାରେ ଆଜି ସର୍ବୋଚ୍ଚ ତାପମାତ୍ରା ୪୪ ଦଶମିକ ୪ ଡିଗ୍ରୀ ସେଲସିୟସ୍ ରେକର୍ଡ

## ମୁଖ୍ୟମନ୍ତ୍ରୀ

ସରକାର ମହିଳାଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରରେ ଆଜି ଆୟୋଜିତ ଜନଆକ୍ରୋଶ ମହିଳା ପଦଯାତ୍ରାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମହିଳାମାନେ ରହିବା ସହ ବିକାଶର ନେତୃତ୍ୱ ନେଉଛନ୍ତି । ଏହା ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ । ତୃଣମୂଳସ୍ତରରୁ ନାରୀମାନଙ୍କୁ ସଶକ୍ତ କରିବା ପାଇଁ ଅଣାଯାଇଥିବା ନାରୀଶକ୍ତି ବନ୍ଦନ ଅଧିନିୟମ ଦେଶର ମହିଳାଙ୍କ ପାଇଁ ଏକ ଐତିହାସିକ ପଦକ୍ଷେପ ହୋଇପାରିଥାଆନ୍ତା । କିନ୍ତୁ ରାଜନୈତିକ ସ୍ୱାର୍ଥ ପାଇଁ ଏଥିରେ ବାଧା ଉପୁଜିଲା ବୋଲି ଶ୍ରୀ ମାଝୀ କହିଛନ୍ତି....

# କ୍ୟାବିନେଟ

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାର କାର୍ଯ୍ୟସୂଚୀ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଅନ୍‌ଲାଇନ୍ ଗେମିଂ

କେନ୍ଦ୍ର ସରକାର ଅନ୍‌ଲାଇନ୍ ଗେମିଂର ପ୍ରସାର ଏବଂ ନିୟନ୍ତ୍ରଣ ଆଇନ୍ ୨୦୨୫ ପାଇଁ ଏକ ପ୍ରାଧିକରଣ ଗଠନ କରିଛନ୍ତି । ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଅତିରିକ୍ତ ସଚିବଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ସହିତ ଗୃହ, ଅର୍ଥ, ଆଇନ୍, ସୂଚନା ଓ ପ୍ରସାରଣ ଏବଂ କ୍ରୀଡା ମନ୍ତ୍ରଣାଳୟର ଯୁଗ୍ମ ସଚିବ ସଦସ୍ୟ ରହିଛନ୍ତି ।

## କୋଷ୍ଟାଲ ମାରାଥନ

ରାଜ୍ୟର ପର୍ଯ୍ୟଟନକୁ ଏକ ଅନୁଭୂତିଭିତ୍ତିକ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ କୋଷ୍ଟାଲ ମାରାଥନ ଏକ ଦୃଢ଼ ପଦକ୍ଷେପ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ପୁରୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ସହିତ ସମାନ୍ତରାଳ ଭାବେ ରାଜ୍ୟ ଏକ ଲୁକ୍‌କାୟିତ ରତ୍ନରୁ ପରିବର୍ତ୍ତିତ ହୋଇ ବିଶ୍ୱ ମାନଚିତ୍ରରେ ଏକ ପର୍ଯ୍ୟଟନ ହବ୍ ଭାବେ ଉଭା ହୋଇଛି । ଏହି ଅବସରରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ 'ଥିଙ୍କ ଇଣ୍ଡିଆ-ଥିଙ୍କ ଓଡ଼ିଶା' ଲୋଗୋ ଉନ୍ମୋଚିତ ହୋଇଯାଇଛି । ମାରାଥନ ପାଇଁ ଆଜିଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି ।

## ପହଲଗାମ-ଟେରୋର୍ ଆଟାକ୍

ଜମ୍ମୁ କଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣକୁ  ଆଜି ୧ ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ଗତ ବର୍ଷ ଆଜିର ଦିନରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ।  ଏହି ଆକ୍ରମଣକୁ ବିଶ୍ୱସ୍ତରରେ ନିନ୍ଦା କରାଯାଇଥିଲା । ଆକ୍ରମଣର ପ୍ରତି ଜବାବରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ।

## ଇଂରାଜୀ ବନାନ

ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସାର୍ବଜନୀନ ସୂଚନା ଜାରି କରାଯାଇଛି। ବିଭିନ୍ନ ଜିଲ୍ଲା, ସଦର ମହକୁମା, ଉପଖଣ୍ଡ, ତହସିଲ ଏବଂ ବ୍ଲକ୍‌ଗୁଡ଼ିକର ସରକାରୀ ଭାବେ ବ୍ୟବହୃତ ଇଂରାଜୀ ନାମ ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥିଲେ ସେଗୁଡ଼ିକର ଓଡ଼ିଆ ନାମର ପୁନରୁଦ୍ଧାର ପାଇଁ ସର୍ବସାଧାରଣ ଓ ଜନପ୍ରତିନିଧିଙ୍କଠାରୁ ପରାମର୍ଶ ଓ ପ୍ରସ୍ତାବ କ୍ରମେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ମତଦାନ

ତାମିଲନାଡୁରେ ଏକକ ପର୍ଯ୍ୟାୟ ଏବଂ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ମତଗ୍ରହଣ କରାଯିବ । ତାମିଲନାଡୁରେ ୨୩୪ଟି ବିଧାନସଭା ଆସନ ପାଇଁ ୪ ହଜାର ୨୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ।

ପଶ୍ଚିମବଙ୍ଗ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲି ୧୬ଟି ଜିଲ୍ଲାର ୧୫୨ଟି ଆସନରେ ମତଗ୍ରହଣ କରାଯିବ । ୧ ହଜାର ୪୧୮ ଜଣ ପ୍ରାର୍ଥୀ ଏହି ନିର୍ବାଚନରେ ଲଢୁଛନ୍ତି ।

## ଇ-ଆକାଉଣ୍ଟ

ଭୁବନେଶ୍ୱର ଲେଖା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ଇ-ଆକାଉଣ୍ଟ ସ୍ଲିପ୍ ପ୍ରଦାନ ବ୍ୟବସ୍ଥାର ଶୁଭାରମ୍ଭ ହୋଇଯାଇଛି । ବୈଷୟିକ ଜ୍ଞାନ କୌଶଳର ସଦୁପଯୋଗ ଓ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କ କ୍ରମାଗତ ପ୍ରୟାସ ପରେ ଏହି ସୁବିଧା ନିଶ୍ଚିତ କରାଯାଇପାରିଛି ବୋଲି ଲେଖା ନିୟନ୍ତ୍ରକ ମନୋରଞ୍ଜନ ନାୟକ କହିଛନ୍ତି । ଏହାଦ୍ୱାରା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ବିତରଣ ଅଧିକାରୀଙ୍କ ଅଧୀନସ୍ଥ ୩୧ ହଜାର ୨୦୨ ଜଣ ଭବିଷ୍ୟତନିଧି ପାଣ୍ଠି ହିତାଧିକାରୀ ଉପକୃତ ହେବେ ।

## ରେଡକ୍ରସ୍ ବୈଠକ

ରେଡକ୍ରସ ଜନସେବା, ସଚେତନତା ଓ ସହଯୋଗ ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ରେଡକ୍ରସ୍ ସୋସାଇଟି ଓଡ଼ିଶା ଶାଖାର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ମହାଲିଙ୍ଗ ରାଜ୍ୟରେ ରେଡକ୍ରସ୍ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି। ୨୦୨୫-୨୬ ଆର୍ଥିକବର୍ଷ ପାଇଁ ବଜେଟ୍ ଖର୍ଚ୍ଚ ଏବଂ ବଣ୍ଟନ ସମ୍ପର୍କରେ ମଧ୍ୟ ମତାମତ ସଂଗ୍ରହ କରାଯାଇଛି।  ଏହି ବୈଠକରେ ରେଡକ୍ରସ୍ ସୋସାଇଟି ଓଡ଼ିଶା ଶାଖାର ବରିଷ୍ଠ ସଦସ୍ୟ ପଦ୍ମଶ୍ରୀ ଡକ୍ଟର ଦମୟନ୍ତୀ ବେଶ୍ରା, ସୁଦର୍ଶନ ନାୟକ, ସ୍ୱୟ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜଭାଷା କର୍ମଶାଳା

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ-ସିବିସି ଆଂଚଳିକ କାର୍ଯ୍ୟାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ-ପିଆଇବି ଭୁବନେଶ୍ୱର ପକ୍ଷରୁ ‘ରାଜଭାଷା ହିନ୍ଦୀ କର୍ମଶାଳା’ ଆୟୋଜିତ ହୋଇଯାଇଛି। ପିଆଇବି ଏବଂ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ରାଜଭାଷା ହିନ୍ଦୀର ପ୍ରସାର ଏକ ସାମୂହିକ ଦାୟିତ୍ୱ ବୋଲି କହିଛନ୍ତି। ବିଭିନ୍ନ ଗଣମାଧ୍ୟମ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଭାବ ବିନିମୟ, ସମନ୍ୱୟ ଏବଂ ଚିନ୍ତାଧାରା ଆଦାନ

ପ୍ରଦାନ ପାଇଁ ଏକ ପ୍ରଭାବଶାଳୀ ମଂଚ ପ୍ରଦାନ କରିବା ସହିତ ହିନ୍ଦୀର ବ୍ୟବହାରକୁ ଅଧିକ ମାତ୍ରାରେ ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସମାଜ ବିଜ୍ଞାନ ପ୍ରଫେସର ଡକ୍ଟର ତପନ ରଞ୍ଜନ ମହାନ୍ତି, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଡକ୍ଟର ନଳିନୀ କୁମାର ପାତ୍ର, ରାଜଭାଷା ବିଭାଗର ସହକାରୀ ନିର୍ଦ୍ଦେଶିକା ସୁଶ୍ରୀ କିର୍ତ୍ତୀ ସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଜନସମ୍ପର୍କ ଓ ପ୍ରଭାବଶାଳୀ ପ୍ରଶାସନ କ୍ଷେତ୍ରରେ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ହିନ୍ଦୀ ଲିଖନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ପାନୀୟ ଜଳ ଯୋଗାଣ

**ନୂଆପଡା** ଜିଲ୍ଲା ଖରୀଆର ରୋଡ ବିଜ୍ଞପିତ ଅଂଚଳ ପରିଷଦ ପକ୍ଷରୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ନେଇ ପାନୀୟ ଜଳ ଟ୍ୟାଙ୍କର ସେବାର ଶୁଭାରମ୍ଭ ହୋଇଛି। ନୂଆପଡ଼ା ବିଧାୟକ ଜୟ ଢ଼ୋଲକିଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ପାନୀୟ ଜଳ ସେବା ଲୋକଙ୍କୁ ସୁବିଧା ଯୋଗାଇଦେବ ବୋଲି କହିଛନ୍ତି।

## ପୋଷଣ ପକ୍ଷ

**ଦେବଗଡ଼** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅଷ୍ଟମ ପୋଷଣ ପକ୍ଷ ପାଳିତ

ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବରେ ଯୋଗଦେଇ ପୋଷଣ ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅଙ୍ଗନୱାଡି କେନ୍ଦ୍ରର ସଶକ୍ତୀକରଣ ନିମନ୍ତେ ସାମୂହିକ ସମର୍ଥନ ଯୋଜନାକୁ ଲୋକାଭିମୁଖୀ କରିବା ଏବଂ ଜନ୍ମରୁ ଛଅବର୍ଷ ମଧ୍ୟରେ ଶିଶୁଙ୍କୁ ସୁସ୍ଥ ଜୀବନଶୈଳୀ ଯୋଗାଇଦେବା ନେଇ ଆଲୋଚନା ହୋଇଥିଲା । ବିଭିନ୍ନ ପୁଷ୍ଟିକର ଖାଦ୍ୟର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।

## ପ୍ରଧାନ ଶିକ୍ଷକ ସମ୍ମିଳନୀ

**ମାଲକାନଗିରି** ଜିଲ୍ଲା ସଂସ୍କୃତିଭବନଠାରେ ପ୍ରଧାନ ଶିକ୍ଷକମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷାର ମାନଦଣ୍ଡ ବୃଦ୍ଧି ଏବଂ ବୋର୍ଡ ପରୀକ୍ଷାରେ ଉତ୍ତମ ଫଳାଫଳ ନେଇ ଆଲୋଚନା କରାଯାଇଥିଲା ।

## ଧରଣୀଧର ଜୟନ୍ତୀ

**କେନ୍ଦୁଝର** ଜିଲ୍ଲାରେ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାସ ୫ ତାରିଖରେ ଏହି ଜିଲ୍ଲାସ୍ତରୀୟ ଉତ୍ସବ ପାଳନ କରାଯିବ । ଏଥିପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନେଇ ଗୁରୁତ୍ୱ ଦିଆଯାଇଛି ।

## ରବି ଧାନ

**ରାୟଗଡ଼ା** ଜିଲ୍ଲାପାଳ ପଟଓ୍ୱାରୀ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ରବି ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୧୦ଟି ବ୍ଲକରେ ଆସନ୍ତା ୨୦ ତାରିଖରୁ ଧାନ ମଣ୍ଡି ଖୋଲିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

## ସଚେତନତା କାର୍ଯ୍ୟକ୍ରମ

ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ଏବଂ **ଭଦ୍ରକ** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଓକାରା ଉଚ୍ଚବିଦ୍ୟାଳୟରେ ଅଧାରୁ ପାଠପଢ଼ା ଛାଡିଥିବା ଏବଂ ପଛୁଆ ପିଲାଙ୍କ ପାଇଁ ଆର୍ଥିକ ସହାୟତା ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଯୋଗଦେଇ ଯୋଜନା ଏବଂ ଆଇନ୍‌ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

## ଖୋଖୋ ଚାମ୍ପିଅନ୍‌ସିପ୍

**ଗଜପତି** ଜିଲ୍ଲା କ୍ରୀଡା ବିଭାଗ ପକ୍ଷରୁ ଗୋଷାଣୀ ବ୍ଲକ୍ ଭେଙ୍କଟେଶ୍ୱର ଉଚ୍ଚବିଦ୍ୟାଳୟଠାରେ ୧୪ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା ଖୋ-ଖୋ ଚାମ୍ପିଅନ୍‌ସିପ୍-୨୦୨୬ ଉଦ୍‌ଘାଟିତ ହୋଇଛି। ଗୋଷାଣୀ ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ ଜିଲ୍ଲା କ୍ରୀଡା ଅଧିକାରୀ ତ୍ରିନାଥ ସାହୁ ପ୍ରମୁଖ ଏହି ଟ୍ରଫିକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲାର ୭ଟି ବ୍ଲକ୍‌ର ୧୦ଟି ବାଳକବର୍ଗ ଓ ଛଅଟି ବାଳିକା ବର୍ଗ ଦଳ ଭାଗ ନେଇଛନ୍ତି।

# ଧରିତ୍ରୀ ଦିବସ

ପୃଥିବୀର ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ଆଜି ଧରିତ୍ରୀ ଦିବସ ପାଳନ କରାଯାଉଛି। ଚଳିତ ବର୍ଷର ବାର୍ତ୍ତା ରହିଛି **'ଆମ କ୍ଷମତା ଆମ ଗ୍ରହ'**। ୧୯୭୦ ମସିହା ଏପ୍ରିଲ ୨୨ ତାରିଖରେ ଆମେରିକାରେ ପ୍ରଥମଥର ପାଇଁ ଧରିତ୍ରୀ ଦିବସ ପାଳନ କରାଯାଇଥିଲା। ଏକ ଉତ୍ତମ ଭବିଷ୍ୟତ ଓ ସୁସ୍ଥ ପୃଥିବୀର ଗଠନ ଲାଗି ସମସ୍ତଙ୍କୁ ସଚେତନ କରାଇବା ଏହି ଦିବସର ମୂଳଲକ୍ଷ୍ୟ। ଏହି ଅବସରରେ ବିଭିନ୍ନ ସରକାରୀ, ବେସରକାରୀ ଏବଂ ଘରୋଇ ସଂସ୍ଥା ପକ୍ଷରୁ ବୃକ୍ଷରୋପଣ, ପରିବେଶ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଏବଂ ଗୁଳୁଗୁଳି ବୃଦ୍ଧି ପାଇବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆଜି ଝାରସୁଗୁଡ଼ାଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଦଶମିକ ୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଗ୍ରୀଷ୍ମଲହରୀକୁ ଦୃଷ୍ଟିରେ ରଖି **କୋରାପୁଟ** ଜିଲ୍ଲାର ସମସ୍ତ ବିଦ୍ୟାଳୟ ଆସନ୍ତା ୨୫

ତାରିଖ ପର୍ଯ୍ୟନ୍ତ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି । ସେହିଭଳି **ଢେଙ୍କାନାଳ** ଓ **ସୁବର୍ଣ୍ଣପୁର** ଜିଲ୍ଲାରେ ମଧ୍ୟ ସ୍କୁଲ ଛୁଟି ଅବଧିକୁ ବୃଦ୍ଧି କରାଯାଇଛି ।